● କାଜୁ ଜଙ୍ଗଲରେ ନିଆଁ

## ଲକ୍ଷାଧିକ ଟଙ୍କା ମୂଲ୍ୟର କାଜୁ ନଷ୍ଟ

ନୂଆପଡ଼ା/କୋମନା,୧୧।୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କାଣ୍ଡେତରା ପଞ୍ଚାୟତର କାଜୁ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି । ସୋମବାର ମଧ୍ୟାହ୍ନରେ କୌଣସି ଅଜଣା ବ୍ୟକ୍ତି କାଣ୍ଡେତରା-ଗଣ୍ଡାମେର ଗାଁ ମଧ୍ୟରେ ଥିବା କାଜୁ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲା । ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି ।



ନିଆଁ ଲାଗି କାଜୁ ଜଙ୍ଗଲ ପୋଡ଼ି ଯାଉଥିବା ଦେଖି ବଳଦେବ ଶବର, ଅଶ୍ରଫ ଖାଁ, କୃପାସିନ୍ଧୁ ଶବର, ବିରଞ୍ଚି ଶବର, ଭାନୁ ଶବର, ହଂସ ଶବର, କୁଞ୍ଜ ଶବର, ଟିନୁ ଶବର ଓ ବୈବସ୍ୱତ ଶବର ପ୍ରମୁଖ ନିଆଁ ଲିଭାଇ ଥିଲେ । କିନ୍ତୁ ଅନେକ କାଜୁ ଗଛର ଫୁଲ ଓ ଫଳ ପୋଡ଼ି ଯାଇଛି । ଏହି ଜଙ୍ଗଲଟି କାଣ୍ଡେତରା ପଞ୍ଚାୟତ ଅଧୀନରେ ରହିଥିବାବେଳେ ଏହାକୁ ନିଲାମରେ ଚାଷୀମାନଙ୍କୁ ଦିଆଯାଇଥାଏ । କୁଆଡ଼େ ଏହି ବଗିଚାରେ ବହୁ ସମୟରେ ଅସାମାଜିକ ବ୍ୟକ୍ତି ବିଶେଷମାନେ ଆଡ୍ଡା ଜମାଇ ମଦ, ଗଞ୍ଜେଇ ଆଦି ପିଉଥିବା ଚର୍ଚ୍ଚା ହୁଏ । ଏମାନଙ୍କ ଭିତରୁ କିଏ ନିଆଁ ଲଗାଇ ଏଭଳି କ୍ଷତି କରିଥିବା କୁହାଯାଉଛି । ଏହାଉପରେ ସବିଶେଷ ତଦନ୍ତ କରିବାକୁ ଦାବି ହେଉଛି ।

● ନିମ୍ନମାନର କାର୍ଯ୍ୟକୁ ପରିଷଦ ବୃନ୍ଦଙ୍କ ନାପସନ୍ଦ

## ବିଧାୟକ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ

କେସିଙ୍ଗା,୧୧।୨(ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅମୃତ ଯୋଜନା କାର୍ଯ୍ୟ ଜୋର୍‌ସୋରରେ କରାଯାଉଛି ।କିନ୍ତୁ ସଂପୃକ୍ତ ଠିକାଦାରର ଲାଭଖୋର ମନବୃତ୍ତି ଯୋଗୁଁ କାର୍ଯ୍ୟ ଗୁଡ଼ିକ ଅତି ନିମ୍ନମାନର ବୋଲି ଅଭିଯୋଗ କରି କେସିଙ୍ଗା ଏନ୍ଏସିର ୱାର୍ଡ କାଉନସିଲରମାନେ ସଦର ବିଧାୟକ ସାଗର ଚରଣ ଦାସ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନିକଟରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁସାରେ ନିମ୍ନମାନର କାମ ପାଇଁ ବାରମ୍ବାର କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନଥିବା ଓ କିଛି ଦିନ ତଳେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ କେସିଙ୍ଗା ଗସ୍ତରେ ଆସି ପରିଷଦ ବୃନ୍ଦ ତାଙ୍କୁ ସାକ୍ଷାତ କରିବା ପାଇଁ ସମୟ ମାଗିଥିଲେ ମଧ୍ୟ ସାକ୍ଷାତ ନ କରି ଚାଲିଯାଇଥିବା ପରିଷଦ ବୃନ୍ଦ ଅଭିଯୋଗ କରିଛନ୍ତି ।ନିର୍ମାଣ କାମର ଅତିଶୀଘ୍ର ସମୀକ୍ଷା ଓ ତଦନ୍ତ କରି ସମସ୍ୟାର ଅତି ଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ନେଇ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଲିଖିତ ଅଭିଯୋଗ ରେ ପରିଷଦ ବୃନ୍ଦ ଚେତାବନୀ ଦେଇଛନ୍ତି ।



## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କୋକସରା,୧୧।୨(ସମିସ): ପର୍ଯ୍ୟଟକସ୍ଥଳ ଡୋକରୀ ଚଞ୍ଚରାର ଡୋକରୀଦର ନିକଟରେ ସେଲଫି ନେବା ସମୟରେ ପାଣିରେ ପଡ଼ି ନିଖୋଜ ହୋଇଥିବା ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ୍ ଡୁମେରମୁଣ୍ଡା ଗ୍ରାମର ଯୁବକ ଅଭିନାଶ ପରଜା(୨୨) ଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର ହୋଇଛି । ଅଗ୍ନିଶମ ବିଭାଗକୁ ଦିର୍ଘ ୩ ଦିନ ଧରି ପ୍ରୟାସ କରିବାକୁ ପଡ଼ିଥିଲା । ଶେଷରେ ଗ୍ରାଭନେଲ ହୁକ୍ ସାହାଯ୍ୟରେ ୩୦ ଗଭୀର ପାଣି ମଧ୍ୟରୁ ଯୁବକଙ୍କ ମୃତଦେହକୁ ବାହାରୁ ଅଣାଯାଇଥିଲା । କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନୀଲ ରଞ୍ଜନ ବାରଲା, ରାଧେଶ୍ୟମ ପ୍ରଧାନୀ, ମନୋଜ ବିଶ୍ୱାଳ, ସତ୍ୟମ ମାଝୀ, ଦିଗାମ୍ବର ଶବର ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ଆମପାଣି ଥାନା ପୁଲିସ ଶବଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ମୁମ୍ବାଇରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ଭବାନୀପାଟଣା/ଧର୍ମଗଡ଼,୧୧।୨(ସମିସ):କଳାହାଣ୍ଡି ଜିଲ୍ଲାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଥମିବାର ନା ଧରୁନାହିଁ ।ପ୍ରତିମାସରେ କେଉଁଠି ନା କେଉଁଠି ଦାଦନ ଶ୍ରମିକଙ୍କ ମୃତ ଦେହ ଘରକୁ ଫେରିବାର ଖବର ମିଳୁଛି । ତେବେ ମଙ୍ଗଳବାର ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି କୁମ୍ଭାରୀ ଗାଁକୁ ଏକ ଦାଦନ ଶ୍ରମିକଙ୍କ ମୃତ ଦେହ ସୁଦୂର ମୁମ୍ବାଇରୁ ଫେରିଛି ।ସୂଚନା ଅନୁଯାୟୀ କୁମ୍ଭାରୀ ଗାଁର ବବ୍ରୁ ପୁଟେଲ କିଛି ମାସତଳେ ନିଜଗାଁରୁ ମୁମ୍ବାଇକୁ ଦାଦନ ଖଟି ଯାଇଥିଲେ ।ସେଠାରେ କୋଣସି ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ବେଳେ କୋଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଛି ।ଖବରପାଇ ଘର ଲୋକେ ମୁମ୍ବାଇରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ଅପରାହ୍ନ ୪ ଟାରେ ଦାଦନ ଶ୍ରମିକର ମୃତ ଶରୀର କୁମ୍ଭାରୀ ଗାଁକୁ ଆଣି ଶେଷକୃତ୍ୟ ସଂପନ୍ନ କରିଥିବା ଜଣାପଡିଛି ।



ଆକ୍ସନ ମୋଡ୍‌ରେ ଖଣି ବିଭାଗ

# ଲଘୁଖଣିଜ ସମ୍ପଦ ଚାଲାଣ ବେଳେ ଚଢ଼ଉ

ଭବାନୀପାଟଣା,୧୧।୨(ସମିସ)

ଲଘୁ ଖଣି ତଥା ମାଇନ୍ସ ଗୁଡିକରେ ବିନା ଟ୍ରାଞ୍ଜିଟ ପରମିଟରେ ଚାଲିଥିବା ବେପାର ଉପରେ ଏବେ ଖଣି ବିଭାଗ ଆକ୍ସନ ମୁଡରେ କାର୍ଯ୍ୟ କରୁଛି । ବେଆଇ ବାଲି, ମାଟି ଓ ପଥର ଚିପ୍ସ ଇତ୍ୟାଦି ଚାଲାଣକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ ଖଣି ବିଭାଗ ଓ ରାଜସ୍ୱ ବିଭାଗ ଅଧିକ ପ୍ରତିବଦ୍ଧତା ଦେଖାଇ ଆସୁଛି । ଇତିମଧ୍ୟରେ ଏହି ଦୁଇ ବିଭାଗର ମନ୍ତ୍ରୀ କିଛି ଦିନର ବ୍ୟବଧାନରେ କଳାହାଣ୍ଡି ଗସ୍ତ ସମୟରେ ସମୀକ୍ଷା ବୈଠାକ କରିଥିଲେ । ଖଣି ବିଭାଗ ଅଧିକାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ନୀତି ନିୟମ କଥା ଶୁଣାଇ କଡା ଚେତାବନୀ ଦେଇ ଫେରିଥିଲେ । ଜିଲ୍ଲାରେ ବିଭିନ୍ନ ତହସିଲ ଏବଂ ଖଣି ବିଭାଗ ଚଢ଼ଉ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଗତ ମାସର ହିସାବକୁ ଅନୁଧ୍ୟାନ କଲେ ଜଣା ପଡିଛି ଯେ, ୧୯ ଦିନରେ ୪୧ଟି ଟ୍ରାକ୍ଟର ଓ ହାଇୱାରୁ ୧୯ ଲକ୍ଷ ୨୧ହଜାର ୫୩୫ ଟଙ୍କା ଜରିମାନା ପଡିଛି । ସେହିପରି ଗତ ବର୍ଷ ଜୁନ ୪ତାରିଖରୁ ଡିସେମ୍ବର ୩୧ତାରିଖ ମଧ୍ୟରେ ୧୨୨ଟି ଟ୍ରାକ୍ଟର ଓ ହାଇୱା ଦ୍ୱାରା ଚାଲିଥିବା ଲଘୁଖଣି ସାମଗ୍ରୀର ଚାଲାଣବେଳେ ଚଢ଼ଉ ହୋଇଥିଲା । କୌଣସି କାଗଜପତ୍ର ନ ଥିବା ଦର୍ଶାଇ ପ୍ରାୟ ୨କୋଟି, ୧୪ଲକ୍ଷ ୫୯ହଜାର ୩୨୨ଟଙ୍କା ଜରିମାନା ପକାଯାଇଥିବା ସହ ଗାଡି ଜବତ ହୋଇଛି । ମାତ୍ର ୬ମାସ କିଛି ଦିନ ଭିତରେ ଖଣି ବିଭାଗ ପକ୍ଷରୁ ସର୍ବମୋଟ ୨ କୋଟି, ୩୩ଲକ୍ଷ, ୮୦ହଜାର ୮୫୧ଟଙ୍କା ଜରିମାନା ଆଦାୟ କରିଥିବାବେଳେ ୧୬୩ଟି ଟ୍ରାକ୍ଟର ଓ ହାଇୱା ଜବତ ହୋଇଥିବା ବିଭାଗ ତରଫରୁ ସୂଚନା ମିଳିଛି । କଳାହାଣ୍ଡି ଜିଲ୍ଲା ଏବେ ଲଘୁଖଣି ଧରପଗଡ ନେଇ ଚର୍ଚ୍ଚାରେ ରହିଛି । ରାତି ୯ଟାରୁ ସକାଳ ୬ଟା ମଧ୍ୟରେ ବାଲିଘାଟ ଓ ପଥର ଖଣି ଖୋଲା ରହିବ । ଦିନ ସମୟରେ କୌଣସି ଯାନବାହାନରେ ବାଲି ମାଟି ଓ ପଥର ଚିପ୍ସ ଆଦି ସହରମଧ୍ୟକୁ ପ୍ରବେଶ କରିପାରିବନି ବୋଲି ଖଣି ବିଭାଗ ତରଫରୁ ସତର୍କ କରାଯାଇଛି । ତେଣୁ ଠିକାଦାର, ହାଇୱା ଓ ଟ୍ରାକ୍ଟର ମାଲିକମାନେ ଅଡୁଆରେ ପଡ଼ିଛନ୍ତି । ମୂଳକଥା ହେଲା ଟ୍ରାଞ୍ଜିଟ ପରିମିଟ ବିନା ଲଘୁଖଣି କାରବାର ଚାଲୁଛି କେମିତି? ଏଥିପାଇଁ ଉତ୍ତରଦାୟୀ କିଏ? ସେଥିପ୍ରତି ଅଙ୍କୁଶ କାହିଁକି ଲାଗୁନାହିଁ? ଖଣି ବିଭାଗର ଏହି ଚଢ଼ଉ ଦ୍ୱାରା ବହୁ ସରକାରୀ ସ୍ତରରେ ଚାଲୁଥିବା ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେଉଥିବା ଠିକାଦାରମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଯେଉଁଠି ତ୍ରୁଟି ରହୁଛି ଜାଣିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନର ଦିଗ ପ୍ରତି ରାଜସ୍ୱ ଓ ଖଣି ବିଭାଗ ଗୁରୁତ୍ୱ ଦେବା ଜରୁରୀ ବୋଲି କୁହାଯାଇଛି । ଏହି ବିଭାଗର ସ୍ଥାୟୀ ଅଫିସ ଗୃହ ଓ କର୍ମଚାରୀ ନିଯୁକ୍ତି ସହ ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟାଳୟ ନ ଚାଲିଲେ ସରକାରଙ୍କ ଯେଉଁ ମହତ ଉଦ୍ଦେଶ୍ୟ ତାହା କେତେ ସଫଳ ହେବ ତାହା ଆଗାମୀ ଦିନରେ ଦେଖିବାକୁ ମିଳିବ ।



# ମ.ରାମପୁର ଉଠା ଜଳସେଚନ ବିଭାଗକୁ ଅଣଦେଖା

ମ.ରାମପୁର,୧୧।୨(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଉଠା ଜଳସେଚନ ବିଭାଗକୁ ନିଜ ବିଭାଗର ଅଣଦେଖା ଭଳି ଅନେକ ଅଭିଯୋଗ ସାମ୍ନାକୁ ଆସିଛି । ଜଣେ ଚୁକ୍ତିଭିତ୍ତିକ କର୍ମଚାରୀରେ ଚାଲିଥିବା ବେଳେ ବିଭାଗରେ ବ୍ୟାପକ ଅନିୟମିତତା ହେଉଥିବା ଚାଷୀ ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାର ଚାଷ ଓ ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନାରେ ଉଠା ଜଳସେଚନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ତାହାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । ଏହି ବିଭାଗରେ ବ୍ୟାପକ ଅନିୟମିତତା ସାଙ୍ଗକୁ ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାମରେ ବ୍ୟାପକ ଦୁର୍ନୀତି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏହି ବିଭାଗ ଅଧୀନରେ ମ.ରାମପୁର, ନର୍ଲା, କରଲାମୁଣ୍ଡା ବ୍ଲକର ହଜାର ହଜାର ଚାଷୀ ନିର୍ଭର କରୁଥିବାବେଳେ କାର୍ଯ୍ୟରତ ଯନ୍ତ୍ରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ ଚାଷୀ ଚାଷ କାମ କରିବାରେ ବିଭିନ୍ନ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅଧିକାଂଶ ସମୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି । ବିଭିନ୍ନ ସମସ୍ୟା ନେଇ ଅଫିସକୁ ଆସୁଥିବା ଚାଷୀ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରିପାରୁ ନ ଥିବା ବେଳେ ଫୋନ୍ କଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଫୋନ୍ ଉଠାଉ ନ ଥିବା ଅଭିଯୋଗ ହେଉଛି । କାର୍ଯ୍ୟରତ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭିନ୍ନ ବାହାନା ଦେଖାଇ ଅଫିସକୁ ଆସୁନାହାନ୍ତି । ଜଣେ ମାତ୍ର ଚୁକ୍ତିଭିତ୍ତିକ କର୍ମଚାରୀରେ ଚାଲିଛି ମ.ରାମପୁର ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ । ଚାଷୀ ନିଜର ବିଭିନ୍ନ ସମସ୍ୟା ନେଇ ଅଫିସକୁ ଆସୁଥିଲେ ହେଁ ଅଫିସରେ କୌଣସି ଅଧିକାରୀଙ୍କୁ ସାକ୍ଷାତ ନ କରି ନିରାଶ ହୋଇ ଫେରୁଥିବା ଓ ଅଫିସ ବନ୍ଦ କରିବା ସମୟ ପୂର୍ବରୁ ଅଫିସରେ ତାଲା ଝୁଲୁଥିବା ଅଭିଯୋଗ ହେଉଛି । ଏହା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢିବାରେ ଲାଗୁଛି । ତାହା ସହିତ ପାଣିପଞ୍ଚାୟତକୁ ଆସୁଥିବା ସରକାରଙ୍କ ବିଭିନ୍ନ ଯୋଜନାରେ ହେଉଥିବା ରକ୍ଷଣାବେକ୍ଷଣା କାମ ହେଉ କି ବିଭିନ୍ନ ପ୍ରକଳ୍ପରେ ହେଉଥିବା ଉନ୍ନୟନମୂଳକ କାମରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି । ଠିକାଦାର ମର୍ଜିରେ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି ।

● ଜଣେ ଚୁକ୍ତିଭିତ୍ତିକ କର୍ମଚାରୀରେ ଚାଲିଛି
● ଚାଷୀ ମହଲରେ ଅସନ୍ତୋଷ

ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ପାଣିପଞ୍ଚାୟତ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ହିମାଦ୍ରୀ ସ୍ୱାଇଁ ଓ ସତ୍ୟଜିତ ଚାଟାର୍ଜୀ ଅଭିଯୋଗ କରିଛନ୍ତି । ଚାଷୀଙ୍କ ପାଇଁ ଆସୁଥିବା ଟଙ୍କାକୁ ଯନ୍ତ୍ରୀ ଓ ଠିକାଦାର ମିଶି ହଡପ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି । ଏ ନେଇ ଯନ୍ତ୍ରୀ ଶାନ୍ତନୁ ମାଝୀଙ୍କ ପ୍ରତିକ୍ରିୟା ନେବାକୁ ବାରମ୍ବାର ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହେଇ ନ ଥିଲା ।

## ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ

ନୂଆପଡ଼ା,୧୧।୨(ସମିସ): ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ କିପରି ବର୍ତ୍ତମାନ ସମୟରେ ଇଣ୍ଟରନେଟ ବ୍ୟବହାର କରିବେ ଏବଂ କଣ କରିବା ନାହିଁ ତା ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ଇଣ୍ଟରନେଟ ବ୍ୟବହାର କରି ଜନସାଧାରଣ କେମିତି ବିଭିନ୍ନ ଠକାମିର ଶିକାର ହେଉଛନ୍ତି, ଇଣ୍ଟରନେଟ ବ୍ୟବହାର ସଠିକ୍ ଭାବରେ କରିବା ଉପରେ ସମସ୍ତଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ । ଡିଆଇଓ ବିନୟ ତିୱାରୀ ଏବଂ ଡିଇଜିଏମ ବୀରେନ୍ଦ୍ର ସିଂହ ଦଣ୍ଡସେନା ନୂଆପଡ଼ା ସରକାରୀ ପଲିଟେକନିକ୍‌ରେ କର୍ମଶାଳା କରିଥିଲେ । ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।



## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା

ସିନାପାଲ,୧୧।୨(ସମିସ): ସିନାପାଲି ବ୍ଲକ୍ ଅଧୀନ ସରକାରୀ ଉପ୍ରା ବିଦ୍ୟାଳୟ ତିଲେଇମାଲରେ କୁଲିଆଡଙ୍ଗରି କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ତିଲେଇମାଲର ସରକାରୀ ଉପ୍ରା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରସିଂହ ନାଏକ ଓ କୁଲିଆଡଙ୍ଗରି ଉପ୍ରା ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରାଣସିଂହ ଖର୍ସେଲଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କୁଲିଆଡଙ୍ଗରି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିଆରସିସି ମହେଶ୍ୱର ଗୁଆଲ, ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ନରସିଂହ ନାଏକ ଓ ପ୍ରାଣସିଂହ ଖର୍ସେଲ ଏବଂ ସମ୍ମାନିତ ଅତିଥି ଡଙ୍ଗରିଗୁଡ଼ା ସ୍କୁଲ ପ୍ରଧାନଶିକ୍ଷକ ଖଗେଶ୍ୱର ନାଏକ, ଝାରବନ୍ଧ ସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ଦୁରିଆ, ତିଲେଇମାଲ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେଶ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ବଂଶିଧର ଜଗତ ଅତିଥି ସ୍ୱାଗତ ଓ ପରିଚୟ ପ୍ରଦାନ ଅଭିଭାଷଣ କରିଥିଲେ । ଅତିଥିମାନେ ବିଦାୟୀ ଶିକ୍ଷକମାନଙ୍କ ଶିକ୍ଷକତା ଜୀବନର ଅନେକ ସ୍ମୃତିଚାରଣ କରିଥିଲେ । ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ବ୍ରଜମୋହନ ଦେ, ଆଲୋକ ରଞ୍ଜନ ପାଣିଗ୍ରାହୀ, ବିରେନ୍ଦ୍ର ନାଏକ ବିଦାୟୀ ଶିକ୍ଷକଙ୍କ ବିଶେଷ ଗୁଣାବଳୀ ଉପସ୍ଥାପନା କରିଥିଲେ । ଆଲୋକ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନେତୃତ୍ୱ ବିକାଶ ତାଲିମ ଶିବିର ଉଦ୍‌ଘାଟିତ




ଭବାନୀପାଟଣା,୧୧।୨(ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବ୍ୟୁରୋ ଆନୁକୂଲ୍ୟରେ ୩ ଦିନିଆ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ତାଲିମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରିଥଲେ । କୁଳସଚିବ ପିତାମ୍ବର ଭୋଇ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟବ୍ରତ ବାଣୁଆ, ନୂଆପଡ଼ା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରଣତି ପଣ୍ଡା ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ରୋଜ୍ ମେରୀ ଏକ୍କା ସଂଯୋଜନା କରିଥିବା ବେଳେ ଅର୍ଚ୍ଚନା ଗୁଚ୍ଛି, ପ୍ରିୟ ରଞ୍ଜନ ବେହେରା, ରାଜେନ୍ଦ୍ର ଗହିର, ଶୁଭାଶିଷ ପାଣିଗ୍ରାହୀ, ଡ. ରାଧାରାଣୀ ନାୟକ, ହେମାଲ୍ ସା, ନବ ତ୍ରିପାଠୀ ପ୍ରମୁଖ ବିଭିନ୍ନ ମହାବିଦ୍ୟାଳୟରୁ ଯୋଗ ଦେଇଛନ୍ତି । ଏହି ଶିବିରରେ ରାଜ୍ୟ ଏନ୍ଏସ୍ଏସ୍ ସମ୍ମାନ ପାଇଥିବା ଛାତ୍ର ଦୀପକ ରଞ୍ଜନ ବେହେରାଙ୍କୁ କୁଳପତି ସମ୍ମାନୀତ କରିଥିଲେ । ଏହି ଶିବିର ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ କଳାହାଣ୍ଡି ଓ ନୂଆପଡା ଜିଲ୍ଲାରୁ ୩୫ଟି ମହାବିଦ୍ୟାଳୟରୁ ୧୧୦ ଜଣ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ୩ ଦିନ ଧରି ଚାଲିବ । ୧୦ଟି ବିଭିନ୍ନ ବିଷୟ ବସ୍ତୁକୁ ନେଇ ୧୦ଟି ଅଧିବେଶନ ରହିବ । ଏନ୍ଏସ୍ଏସ୍ ଅଧିକାରୀ ଜୟନ୍ତ ଦନସନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କୋକସରା,୧୧।୨(ସମିସ): କୋକସରା ବ୍ଲକ୍ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ରଏନଗୁଡା ଉଚ୍ଚ ବିଦ୍ୟାଳୟରେ ସୋମବାର ନବମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଦ୍ୱାରା ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଉପେନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା କମିଟି ସଦସ୍ୟ ଭଜମନ ନାଏକ, କୃଷ୍ଣଚନ୍ଦ୍ର ନାଏକ, ହରିଶ୍ଚନ୍ଦ୍ର ନାଏକ, ସାମ୍ବାଦିକ ଜଗଦୀଶ ନାଏକ, ଶିକ୍ଷକ ଘନଶ୍ୟାମ ବେହେରା, ଶୋଳପାଣି ଦାଶ, କପିଳେନ୍ଦ୍ର ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳମୟ ଭବିଷ୍ୟତ କାମନା କରିବା ସହ ଆଗକୁ ହେବାକୁ ଥିବା ମାଟ୍ରିକ ପରୀକ୍ଷାରେ ଭଲ ମାର୍କ ରଖି ବିଦ୍ୟାଳୟର ନାଁ ଗୌରବମୟ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଏହି କ୍ରମରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟରେ ବିତେଇଥିବା ଦିନକୁ ନିଜ ନିଜ ବକ୍ତବ୍ୟରେ ବଖାଣି ଭାବବିହ୍ୱଳ ହୋଇପଡିଥିଲେ । ପରେ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷକ ଲକ୍ଷ୍ମୀଧର ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଶିକ୍ଷକ ସମାବେଶ

ନୂଆପଡା/ଖଡ଼ିଆଳ,୧୧।୨(ସମିସ):



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଲୋକଦୃଷ୍ଟି ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିକ୍ଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଖଡ଼ିଆଳ ଶାଖାର ପୂର୍ବତନ ସଭାପତି ଗଣେଷ ଚନ୍ଦ୍ର ଦୁବେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ନୂଆପଡ଼ା ଜିଲ୍ଲା ତରଫରୁ ଜିଲ୍ଲାସ୍ତରୀୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓଡ଼ିଶା ପ୍ରାଥମିକ ସଂଘ ନୂଆପଡ଼ା ଜିଲ୍ଲା ସଭାପତି ଅଶୋକ ବାରିକଙ୍କ ସଭାପତିତ୍ୱରେ ସମାରୋହରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ମହାସଚିବ ବିକ୍ରମ ରଥ ଏବଂ ସମ୍ମାନିତ ଅତିଥି ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଲୋକଦୃଷ୍ଟି ପ୍ରତିଷ୍ଠାତା ଅବନୀ ମୋହନ ପାଣିଗ୍ରାହୀ, ଶିକ୍ଷାବିତ ସତିଶ ପଟ୍ଟନାୟକ, ସଭାପତି ମିଳିତ ପ୍ରାଥମିକ ଶିକ୍ଷକ ସଂଘ ନୂଆପଡ଼ା ଶଙ୍କର୍ଷଣ ପୁରୋହିତ, କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପ୍ରତିନିଧି ମନୋଜ ପଣ୍ଡା, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ବ୍ଲକ ସଭାପତି ନୂଆପଡ଼ା ଜିତେନ୍ଦ୍ର ଖମାରୀ, ବ୍ଲକ ସଭାପତି କୋମନା ସୁବଳଶ୍ୟାମ ପଣ୍ଡା, ବ୍ଲକ୍ ସଭାପତି ବୋଡ଼େନ ଧବଳେଶ୍ୱର ହରିଜନ, ସଭାପତି ସିନାପାଲି ବ୍ଲକ୍ ରାଜେନ୍ଦ୍ର ଖମାର୍, ପୁରୁ ସଗରିଆ ବ୍ଲକ ସଭାପତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର ସଂଘୀୟ କର୍ମକର୍ତ୍ତାଙ୍କ ସହ ଖଡ଼ିଆଳ ବ୍ଲକ୍‌ର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ବିଦାୟୀ ଶିକ୍ଷକ ଗଣେଶ ଦୁବେଙ୍କୁ ସମ୍ମାନିତ କରିବାସହ ତାଙ୍କର ମହନୀୟ କାର୍ଯ୍ୟ ପାଇଁ ସମସ୍ତେ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଖଡ଼ିଆଳ ବ୍ଲକର ନିୟମିତ ହୋଇଥିବା ଏବଂ ସ୍ଥାନାନ୍ତର ହୋଇ ଆସିଥିବା ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନିୟମିତ ରକ୍ତଦାତା ଓ ରକ୍ତଦାତା ପ୍ରବର୍ତ୍ତକ ବର୍ତ୍ତମାନ ସୁଦ୍ଧା ୯୪ ଥର ରକ୍ତଦାନ କରିଥିବା ଶିକ୍ଷକ କିଶୋର ପରିଡ଼ାଙ୍କୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ତରଫରୁ ମହାସଚିବ ବିକ୍ରମ ରଥଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟିତ୍ରୀ ଜୟଶ୍ରୀ ଦଣ୍ଡସେନା ଓ ଶିକ୍ଷକ ପ୍ରଫୁଲ୍ଲ ବେହେରା ମଞ୍ଚ ପରିଚାଳନା କରିଥିଲେ ।
କାର୍ଯ୍ୟକ୍ରମର ସଫଳ ଆୟୋଜନରେ କ୍ଷୀରୋଦ ଗହୀର, ଲକ୍ଷ୍ମୀ ନାରାୟଣ ସାହୁ, ଶିଲୁ ମହାନନ୍ଦ, କ୍ଷେତ୍ରବାସୀ ବାରିକ, ପ୍ରକାଶ ଠାକୁର, ଦିନେଶ ପଟେଲ, ହେମନ୍ତ ସେଠୀ, ତ୍ରିଲୋଚନ ଶବର ପ୍ରମୁଖ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

## କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା' ମେଳା



କଲମପୁର,୧୧।୨(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ମଣ୍ଡଳ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଣ୍ଡି ଡଙ୍ଗରିଗୁଡ଼ା ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି ।

ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବ ମେଳାରେ ମୁଖ୍ୟଅତିଥି ଭାବେ କଲମପୁର ବ୍ଲକ୍ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା,ମୁଖ୍ୟବକ୍ତା ଭାବରେ କୋଟାଗାଁ ପଞ୍ଚାୟତ ସରପଞ୍ଚ ଚନ୍ଦନ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସରୋଜିନୀ ସୁନାନୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ବିହାରୀ ପ୍ରମୁଖ ଯୋଗ ଦେଇଥିଲେ ।ନିପୁଣ ଓଡ଼ିଶା ମିଶନକୁ ସଫଳ ଭାବରେ କାର୍ଯ୍ୟକାରି କରିଥିବା ବିଦ୍ୟାଳୟ ଗୁଡ଼ିକୁ ପ୍ରଶଂସା ତଥା ଉତ୍ସାହିତ କରିବା, ଏହାର ସଫଳ ରଣନୀତି ବିଷୟରେ ଅନ୍ୟମାନଙ୍କୁ ଜଣାଇବା ଏବଂ ନିପୁଣ ଓଡ଼ିଶା ମିଶନର ଉଦ୍ଦେଶ୍ୟ ହାସଲ ଦିଗରେ ଗୋଷ୍ଠୀକୁ ଏକତ୍ରିତ କରିବା ମେଳାର ଲକ୍ଷ୍ୟ ।

ଏହି ନିପୁଣ ଓଡ଼ିଶା ମେଳାରେ କ୍ଲଷ୍ଟରର ୧୩ଟି ଏଫ୍ଏଲ୍ଏନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ତଥା ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ରହିଥିଲେ । ବିଭିନ୍ନ ବିଦ୍ୟାଳୟଗୁଡ଼ିକରୁ ଆସିଥିବା ଶିକ୍ଷଣ ସାମଗ୍ରୀ ଗୁଡ଼ିକରୁ ଛାତ୍ରଛାତ୍ରୀ ନୂତନ ଜ୍ଞାନକୌଶଳ ଗ୍ରହଣ କରିଥିଲେ ।ପ୍ରତ୍ୟେକ ବିଦ୍ୟାଳୟର ଏଫ୍ଏଲଏନ୍ ଶିକ୍ଷକମାନଙ୍କୁ ପ୍ରଶଂସା ପତ୍ର ଓ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ୍ କରାଯାଇଥିଲା ।

## ଜାତୀୟ ରାଜପଥ କୋମନାରେ ଲାଗିଲା ସିସିଟିଭି

କୋମନା,୧୧।୨(ସମିସ): ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ୩୫୩ ନମ୍ବର ଜାତୀୟ ରାଜପଥର ବସଷ୍ଟାଣ୍ଡ ସମ୍ମୁଖରେ ଖଞ୍ଜାହେଲା ୬ଟି ସିସିଟିଭି । ବିଶେଷ କରି ଏହି କୋମନା ଅଞ୍ଚଳରେ ଚୋରି, ଡକାୟତି ତଥା ଦୁର୍ଘଟଣା ବିଭିନ୍ନ ସମୟରେ ହେଉଥିବା ନୂଆପଡ଼ା ଏସ୍‌ପିଙ୍କୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଏସ୍‌ପି କୋମନା ଥାନାଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ପ୍ରଶାସନର ସହାୟତାରେ କୋମନା ବସ୍‌ଷ୍ଟାଣ୍ଡ ଓ ଥାନା ସମ୍ମୁଖରେ ମୋଟ ୬ଟି ସିସିଟିଭି ଲାଗିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ବର୍ତ୍ତମାନ ଏହା ଲାଗିବାରୁ କୋମନା ଅଞ୍ଚଳବାସୀ ଏସ୍‌ପିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



ସୁବର୍ଣ୍ଣପୁରରେ ମହିମା ଧର୍ମାବଲମ୍ବୀଙ୍କ ଭିଡ଼

# ଭୀମଭୋଇଙ୍କ ପ୍ରତିମୂର୍ତ୍ତି ନଦେଖି ସାଧୁସନ୍ଥଙ୍କ କ୍ଷୋଭ





ସୋନପୁର,୧୧।୨(ସମିସ):

ମାଘ ମାସ ହେଉଛି ମହିମା ଧର୍ମାବଲମ୍ବୀଙ୍କ ପାଇଁ ଏକ ପବିତ୍ର ମାସ। ସୁବର୍ଣ୍ଣପୁର ଜିଲ୍ଲାର ଖଲିଆପାଲିସ୍ଥିତ ସନ୍ଥକବି ଭୀମଭୋଇଙ୍କ ସମାଧି ମନ୍ଦିର ଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାରୁ ଏଠାକୁ ମହିମା ସାଧୁ ସନ୍ଥଙ୍କ ସୁଅ ଛୁଟୁଛି। ପୂର୍ବରୁ ବ୍ଲକ୍ ଛକରେ ଭୀମଭୋଇଙ୍କ ଏକ ସୁନ୍ଦର ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ତେବେ ୪ ବର୍ଷ ପୂର୍ବରୁ ଏଠାରୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଏଯାଏଁ ପୁନଃସ୍ଥାପନ କରାଯାଇନାହିଁ। ସୋନପୁର ବ୍ଲକ୍ ଛକର ସେହି ସ୍ଥାନରେ ପ୍ରତିମୂର୍ତ୍ତି ପୁନଃସ୍ଥାପନ ହୋଇ ନଥିବାରୁ ମହିମା ସାଧୁସନ୍ଥମାନେ ଗଭୀର କ୍ଷୋଭ ପ୍ରକାଶ କରୁଛନ୍ତି। ଚଳିତ ବର୍ଷ ଖଲିଆପାଲି ମାଘମେଳାରେ ଠୁଳ ହୋଇଥିବା ମହିମା ଧର୍ମାବଲମ୍ବୀ ସାଧୁସନ୍ଥମାନେ ସୋନପୁର ବ୍ଲକ୍ ଛକ ଦେଇ ଯାଉଥିବା ବେଳେ ଶୀଘ୍ର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଛନ୍ତି। ଯୁଗଜନ୍ମା କବିଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟ ନେଇ ସୋନପୁର ବ୍ଲକ୍ ଛକରେ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ମୂର୍ତ୍ତି ଯୋଗୁଁ ସହରର ଶୋଭା ଦ୍ୱିଗୁଣିତ ହୋଇଯାଉଥିଲା। ତେବେ ରାସ୍ତା ପ୍ରଶସ୍ତୀକରଣ ପାଇଁ ୨୦୨୧ ଫେବୃୟାରୀ ୫ ତାରିଖରେ ସୋନପୁର ବ୍ଲକ ଛକରୁ ସନ୍ଥକବି ଭୀମଭୋଇଙ୍କ ମୂର୍ତ୍ତି ସ୍ଥାନାନ୍ତର କରାଯାଇଥିଲା। ସୋନପୁର ସହରରେ କେତେ ସରକାରୀ କୋଠା, କାର୍ଯ୍ୟାଳୟ ଆଦି ନିର୍ମାଣ ହୋଇପାରୁଛି। ଅଥଚ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହେବାର ଚାରି ବର୍ଷ ପରେ ମଧ୍ୟ ସୋନପୁର ବ୍ଲକ୍ ଛକରେ ସନ୍ଥକବିଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ ହୋଇ ପାରିଲା ନାହିଁ। ଅନ୍ୟପକ୍ଷରେ କବିଙ୍କ ପ୍ରତିମୂର୍ତ୍ତି ଜିଲ୍ଲା ଲାଇବ୍ରେରୀରେ ଅବହେଳିତ ଭାବେ ରଖାଯାଇଛି। ମହିମା ଖଲିଆପାଲି ହେଉଛି ଭୀମଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠ। ଏହି ମାଟିରେ ଭୀମଭୋଇ ସାହିତ୍ୟ ସର୍ଜନା କରି ସନ୍ଥକବି ଭାବେ ଖ୍ୟାତି ପାଇଥିଲେ। ହେଲେ ଜିଲ୍ଲା ସଦର ମହକୁମାରେ ସନ୍ଥକବିଙ୍କ କୌଣସି ପ୍ରତିମୂର୍ତ୍ତି ଟିଏ ନାହିଁ। ଶୀଘ୍ର ସ୍ଥାନ ନିର୍ଣ୍ଣୟ କରି କବିଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବୌଦ୍ଧ,୧୧।୨(ସମିସ): ବୌଦ୍ଧ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଟଙ୍କଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ମାତା ଭାରତୀଙ୍କ ନିକଟରେ ଦୀପ ଜାଳି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରିଚାଳନା ସମିତି ସଂପାଦକ ପଦ୍ମନାଭ ସୁବୁଦ୍ଧି ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପରିଶ୍ରମ କରି ବଡ଼ ମଣିଷ ନହୋଇ ଭଲ ମଣିଷ ହେବାପାଇଁ ବକ୍ତବ୍ୟ ରଖିଥିଲେ।କୋଷାଧ୍ୟକ୍ଷ ଅଭିଷେକ ଅଗ୍ରୱାଲା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

● କୃମିନାଶକ ଔଷଧ ସେବନର ଶୁଭାରମ୍ଭ

# ଜିଲ୍ଲାକୁ କୃମିମୁକ୍ତ କରିବାକୁ ଆହ୍ୱାନ



ସୋନପୁର,୧୧।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଝିପଡ଼ାରେ ସୋମବାର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ଗୁରୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃମିନାଶକ ଦିବସ ପାଳନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସମୁଦାୟ ୧୭୨ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୬୩ ଜଣ ଔଷଧ ସେବନ କରିଛନ୍ତି। ଯେଉଁମାନେ ଔଷଧ ଖାଇବାରୁ ବଞ୍ଚିତ ରହିବେ ତାଙ୍କୁ ୧୭ ଫେବୃଆରୀରେ ମପ୍‌ଅପ୍ ରାଉଣ୍ଡରେ ଔଷଧ ଖାଇବାକୁ ଦିଆଯିବ। କାର୍ଯ୍ୟକ୍ରମରେ ଜିଲ୍ଲାର ୧,୭୭,୨୦୨ ହିତାଧିକାରୀ ଆଲବେଣ୍ଡାଜୋଲ ଔଷଧ ଖାଇବେ। ଏହା ମଧ୍ୟରୁ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ୧,୬୫,୨୬୭ ଜଣ ଶିଶୁ ଓ କିଶୋର ଏବଂ ୨୦ ବର୍ଷରୁ ୨୪ ବର୍ଷ ପର୍ଯ୍ୟନ୍ତ ୧୧,୯୩୫ ଜଣ ପ୍ରଜନନକ୍ଷମ ମହିଳା ରହିଛନ୍ତି। ସନ୍ତାନ ପ୍ରଜନନକ୍ଷମ ମହିଳାଙ୍କ ମଧ୍ୟରେ ଥିବା ଗର୍ଭବତୀ ଓ ପ୍ରସୂତିମାନେ ଏହି ଔଷଧ ଖାଇବେ ନାହିଁ। ଜିଲ୍ଲାର ୧୦୫୭ଟି ସରକାରୀ ଓ ବେସରକାରୀ ସ୍କୁଲ, ମହାବିଦ୍ୟାଳୟ ଓ ୧୫୧୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ କୃମି ନାଶକ ଔଷଧ ମାଗଣାରେ ପ୍ରଦାନ କରିବାର ସୁବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମକୁ ସମ୍ପାଦନ ପାଇଁ ୯୨ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ୬୪୦ ଜଣ ଆଶାକର୍ମୀ ତଥା ୧୫୧୬ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ଆବଶ୍ୟକ ତାଲିମ ସହ ଔଷଧ ସେବନ କରାଇବାକୁ ନିୟୋଜିତ କରାଯାଇଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଏହାକୁ ଖାଇବା ଦ୍ୱାରା ଶିଶୁର ରକ୍ତହୀନତା ଦୂର ହେବା ସହ ଶିଶୁର ପୌଷ୍ଟିକ ବୃଦ୍ଧି ହେବ ଏବଂ ସ୍କୁଲ, ଅଙ୍ଗବାଡ଼ିରେ ଉପସ୍ଥାନ ବଢ଼ିବ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୃମିମୁକ୍ତ ସୁବର୍ଣ୍ଣପୁର ପାଇଁ ଜିଲ୍ଲାର ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡା.ଦୈତ୍ୟ ନାରାୟଣ ପାଢ଼ୀ,ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ ଅଦାବର, ପ୍ରଧାନଶିକ୍ଷୟିତ୍ରୀ ମୀନାକ୍ଷୀ ନାୟକ,ଏଡିପିଏଚସିଓ ବୃନ୍ଦାବନ ସାହୁ, ଡିଏମଆରସିଏଚ ସୁଧାଂଶୁ ଶେଖର ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁ,ଜିଲ୍ଲା ତଥ୍ୟ ପରିଚାଳକ ପ୍ରଦୀପ ସାହୁ, ଏଏମସିପି ତରଣିସେନ୍ ପ୍ରଧାନ, ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କିଙ୍ଗ୍ ସୁବିଧାକେନ୍ଦ୍ର ଉଦ୍‌ଘାଟିତ



ଶଗଡା,୧୧।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ନାରାୟଣ ପ୍ରସାଦ ପଞ୍ଚାୟତରେ ବ୍ୟାଙ୍କିଙ୍ଗ, ମାର୍କେଟ ସୁବିଧାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ,ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ ,କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡି, ସହକାରୀ ନିର୍ବାହୀଯନ୍ତ୍ରୀ ଜୟ ମହନ୍ତ,କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାୟକ, ନାରାୟଣ ପ୍ରସାଦ ସରପଞ୍ଚ ତାରାକାନ୍ତି ମାଝୀ,ସମିତି ସଭ୍ୟା କନକ ବାଘ, ଖମନମୁଣ୍ଡା ସରପଞ୍ଚ, ସତ୍ୟନାରାୟଣ ମାଝୀ,ପିନାକଧର ରଣା, ଶିତିକଣ୍ଠ ମିଶ୍ର, ନୀଳାଞ୍ଚଳ ଭୋଇ, ତୀର୍ଥବାସୀ ରଣା, ଅନିଲ କୁମାର ପ୍ରଧାନ,ଡମ୍ବରୁ ଧର କହଁର,ଏଡିଇଓ ରବୀନ୍ଦ୍ର ଭୁକ୍ତା, ଯୋଗାଣ ସହାୟକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଦୁର୍ଘଟଣାରେ ଯୁବକ ମୃତ

ଶଗଡା,୧୧।୨(ସମିସ): କଣ୍ଟାମାଳ ଥାନା ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ଜଣେ ଯୁବକଙ୍କ ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଗ୍ରାମର ଦୟାନନ୍ଦ ରଣା ଟ୍ରାକ୍ଟର ରେ ବିଲରେ କାମ କରୁଥିବା ବେଳେ ଅସାବଧାନତା ବଶତଃ ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ ହୋଉଥିଲା। ଫଳରେ ଦୟାନନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି କଣ୍ଟାମାଳ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କଣ୍ଟାମାଳ ପୁଲିସ ପହଞ୍ଚି ଶବକୁ ଜବତ କରି ମନମୁଣ୍ଡା ମେଡିକାଲରେ ଶବବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଥିବା ସୂଚନା ମିଳିଛି।

## ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ବୌଦ୍ଧ,୧୧।୨(ସମିସ):ମଙ୍ଗଳବାର ଦିନ୧ଘଣ୍ଟା ସମୟରେ କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଥାନା କଲତାପାଲି ଗ୍ରାମରେ ଦୀର୍ଘବର୍ଷ ଧରି ଆତଙ୍କରାଜ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ଜନୈକ ବ୍ୟକ୍ତି ଗ୍ରାମବାସୀଙ୍କ ବିରୋଧରେ ମିଥ୍ୟା ମାମଲା ମାନ ଦାୟର କରି ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଓ ଧମକ ଚମକ ଦେଇ ଆସୁଛନ୍ତି। ତାଙ୍କର ଆତଙ୍କ ରାଜ୍ ଓ ଧମକ ଚମକରେ ଗ୍ରାମବାସୀଙ୍କ ଶାନ୍ତି ସହାବସ୍ଥାନ ଓ ଜୀବନଧାରଣ ଦୀର୍ଘ ୨୦ ବର୍ଷ ହେଲା ବିପର୍ଯ୍ୟସ୍ତ ହୋଇଯାଇଛି। ଗ୍ରାମର କୌଣସି ମେଳା ମହୋତ୍ସବ, ପର୍ବ ପର୍ବାଣୀ ଓ ସରକାରୀ ଉନ୍ନୟନ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଦୁଇ ବର୍ଷ ତଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ, କଣ୍ଟାମାଳ ତହସିଲଦାର ଓ ମନମୁଣ୍ଡା ଆଇଆଇସିଙ୍କ ଉପସ୍ଥିତିରେ ଗ୍ରାମରେ ବୈଠକ ବସି ଶାନ୍ତି କମିଟି ଗଠନ କରା ଯାଇଥିଲେ ମଧ୍ୟ ତାକୁ ଅବମାନନା କରୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆରକ୍ଷୀ ଅଧିକ୍ଷକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଜିଲ୍ଲା ଗାଁ ସାଥୀ ସଂଘ ପକ୍ଷରୁ ବିକ୍ଷୋଭ




ବୌଦ୍ଧ,୧୧।୨(ସମିସ):ବୌଦ୍ଧ ଜିଲ୍ଲା ଗାଆଁ ସାଥୀ ସଂଘ ପକ୍ଷରୁ ଶୋଭାଯାତ୍ରା କଚେରୀ ଖେଳପଡିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଗାଆଁ ସାଥୀ ସଂଘ ସଭାନେତ୍ରୀ ମହିମା ବତୀ ଭୋଇ, ସମ୍ପାଦକ ଠାକୁର ଚରଣ ନାଏକ ଓ କୋଷାଧ୍ୟକ୍ଷ ବିଶାଳ ହାତୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଗ୍ରାମରୁ ଆସିଥିବା ଗାଆଁ ସାଥୀମାନେ କଚେରୀ ପଡିଆ ଠାରୁ ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ୫ ଦଫା ଦାବି ମଧ୍ୟରେ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ୧୨ ହଜାର ଟଙ୍କା ପ୍ରଦାନ,ଲିଗାଲ ଗାଁ ସାଥୀଙ୍କ ଡାଟାବେଶ ପ୍ରସ୍ତୁତ, ଗାଁ ସାଥୀମାନଙ୍କୁ ପରିଚୟ ପତ୍ର ପ୍ରଦାନ, ନକଲି ଗାଁ ସାଥୀଙ୍କୁ ହଟାଯିବାର ବ୍ୟବସ୍ଥା,ଗାଁ ସାଥୀମାନଙ୍କୁ ତାଲିମ ପ୍ରଦାନ ବ୍ୟବସ୍ଥା ପ୍ରମୁଖ ରହିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ୍ ସଭାପତି ରେମନ୍ତ ବାଘ, ସମ୍ପାଦକ ଲିଙ୍ଗରାଜ ପ୍ରଧାନଙ୍କ ସମେତ ହରଭଙ୍ଗା ଓ କଣ୍ଟାମାଳ ବ୍ଲକ୍ ସଙ୍ଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ରାସ୍ତା ନିର୍ମାଣବେଳେ ପୁଣି ଫାଟିଲା ପାଇପ୍

# ପାନୀୟ ଜଳରୁ ବଞ୍ଚିତ ୧୦୦ ପରିବାର



ଶଗଡା,୧୧।୨(ସମିସ):

କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ପଦ୍ମତୋଳି ଓ ମାଝିପଡ଼ା ଗ୍ରାମର ୧୦୦ ପରିବାର ୭ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଗାଁକୁ ସଂଯୋଗ ଦିଆ ଯାଇଥିବା ପାଣି ପାଇପ୍ ଫାଟିଯିବାରୁ ଗ୍ରାମବାସୀ ପାନୀୟ ଜଳ ପାଉ ନ ଥିବା କହିଛନ୍ତି।ପାଇପ୍‌ମରାମତି ପାଇଁଅନେକଥର ଅଭିଯୋଗ କହିଥିଲେ ମଧ୍ୟ କେହି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁର୍ଡୀପାଲିଠାରୁ ପଦ୍ମତୋଳି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲୁଥିବା ବେଳେ କଲଭର୍ଟ ନିର୍ମାଣ ପାଇଁ ଜେସିବି ସାହାଯ୍ୟରେ ମାଟି ଖୋଳିବା ସମୟରେ ଗ୍ରାମକୁ ଯାଇଥିବା ପାଣି ପାଇପ୍ ପୁଣି ଫାଟି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ଫଳରେ ଉଭୟ ଗ୍ରାମବାସୀ ପାଣି ପାଉ ନାହାନ୍ତି। ସରକାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଠିକାଦାରଙ୍କ ମନମାନି ଯୋଗୁଁ ଲୋକେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉଭୟ ଗ୍ରାମର ପାଖାପାଖି ୧୦୦ଟି ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପରେ ବିଶୁଦ୍ଧ ପାଣି ବାହାରୁ ନ ଥିବାରୁ ଲୋକେ କିଡ୍‌ନୀ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବରୁ ଏହି ପାଇପ୍ ଫାଟି ଥିବା ବେଳେ ଠିକାଦାର ନିଜ ମନମାନି ଚଳାଉଥିବା ବେଳେ ବିଭାଗ ମଧ୍ୟ ଏଥିରେ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପାଣି ପାଇପ୍‌କୁ ଖୁବ୍ ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

● ବସୁଧା ପ୍ରକଳ୍ପ ଅଚଳ

# ପାଣି ପାଇଁ ଲୋକେ ହନ୍ତସନ୍ତ



ସୁବଲୟା,୧୧।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କେନଝିରିଆପାଲି ପଞ୍ଚାୟତ ଅଧୀନ କଦଳିପାଲିରେ ଥିବା ବସୁଧା ପ୍ରକଳ୍ପ ଲୋକଙ୍କ କାମରେ ଲାଗୁନଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସେଠାରେ ଓଭରହେଡ ପାଣିଟାଙ୍କି ଓ ଟ୍ୟାପ୍ ନିର୍ମାଣ ହୋଇଛି। ହେଲେ ଗତ ୧ମାସରୁ ଅଧିକ ହେଲା ତାହା ଅଚଳ ହୋଇପଡ଼ିରହିଛି। ଫଳରେ ସ୍ଥାନୀୟ ଜନସାଧାରଣ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପ ଉପରେ ୫୦୦ରୁ ଅଧିକ ପରିବାର ନିର୍ଭର କରିଥାନ୍ତି। ପ୍ରକଳ୍ପଟି ଅଚଳ ହୋଇ ପଡ଼ିଥିବାରୁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଅନେକ ଥର ସ୍ଥାନୀୟ ଜନସାଧାରଣ ଉକ୍ତ ପ୍ରକଳ୍ପ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡ଼ଙ୍କୁ ପଚାରିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଖଲିଆପାଲିରେ ଡାକ୍ତରଖାନା ପ୍ରତିଷ୍ଠା ଦାବି



ସୋନପୁର,୧୧।୨(ସମିସ): ସୋନପୁର ବ୍ଲକ୍ ଅଧୀନ ଭୀମ ଭୋଇଙ୍କ ପ୍ରସିଦ୍ଧ ସମାଧି ପୀଠ ଖଲିଆପାଲିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ଜିଲ୍ଲା ସଦର ମହକୁମାରୁ ଖଲିଆପାଲି ୨୫ କିମି ଦୂରରେ ରହିଛି। ସୋନପୁର ବ୍ଲକର ଅନ୍ୟତମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାୟ ୨୦ କିମି ଦୂରରେ ରହିଛି। ଫଳରେ ଗରିବ ଜନସାଧାରଣ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଖଲିଆପାଲିରେ ବ୍ୟାଙ୍କ, ସେବା ସମବାୟ ସମିତି, ହାଇସ୍କୁଲ, କଲେଜ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ଅନେକ ବେସର କରି କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ରହିଛି। ଏଠାକୁ ପ୍ରତ୍ୟହ ଦୂର ଦୁରାନ୍ତରୁ ବହୁ ଲୋକଙ୍କ ଯାତାୟାତ କରିଥାନ୍ତି।ଏଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ଯାତାୟାତ କରୁଥିବା ଲୋକେ ବିଭିନ୍ନ ସମୟରେ ବହୁ ହଇରାଣ ହେଉଥିବା ନଜିର ରହିଛି। ଖଲିଆପାଲିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଚରଦା ଗ୍ରାମରେ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବିନିକା,୧୧।୨(ସମିସ): ବିନିକା ବ୍ଲକ୍ ଚରଦା ଗ୍ରାମରେ ଶନିଦେବ ମନ୍ଦିର ପ୍ରତିଷ୍ଠା କମିଟି ଆନୁକୂଲ୍ୟରେ ନବନିର୍ମିତ ଶନି, ଗାୟତ୍ରୀ ଓ ଗଣେଶ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହୋଇଛି। ଉତ୍ସବର ବିଭିନ୍ନ ଦିନରେ କଳସ ଯାତ୍ରା, ଜଳାଧିବାସ , ଅଙ୍କୁରାରୋପଣ, ଯଜ୍ଞାରମ୍ଭ, ବିଗ୍ରହମାନଙ୍କ ମହାସ୍ନାନ, ମନ୍ଦିରାଧିବାସ ଓ ଦେବ ପ୍ରାଣ ପ୍ରତିଷ୍ଠା ସହ ଶେଷଦିନରେ ଶିଖର କଳସ ସ୍ଥାପନ ଏବଂ ଦେବତା ମନ୍ଦିର ପ୍ରବେଶ ହୋଇଥିଲା। ଏହାସହ ବ୍ୟାସ ମଧୁସୁଧନ ଦାଶଙ୍କ ସୁନ୍ଦରାକାଣ୍ଡ ପାରାୟଣ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ଭାସ୍କର ପୁରୋହିତ, ସୁବାସ ଚନ୍ଦ୍ର ବଡ଼ପଣ୍ଡା ଓ କର୍ତ୍ତା ଭାବେ ୨୦ ଯୋଡ଼ା ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ୩ଦିନ ଧରି ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

## ଭତ୍ତା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବିନିକା,୧୧।୨(ସମିସ): ଦିବ୍ୟାଙ୍ଗମାନଙ୍କୁ ୩୫୦୦ଟଙ୍କା ଭତ୍ତା ପ୍ରଦାନ ଦାବିନେଇ ମଙ୍ଗଳବାର ବିନିକା ବ୍ଲକ ଜନକଲ୍ୟାଣ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାନୁଯାୟୀ, ସରକାର ନିର୍ବାଚନ ପୂର୍ବରୁ ସମସ୍ତ ହିତାଧିକାରୀଙ୍କୁ ମାସିକ ୩୦୦୦ ଟଙ୍କା ଓ ୮୦ ପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ହେଲେ ଗତ ମାସ ୩ ତାରିଖରେ କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ ପାଇଁ ସରକାରୀ ଭାବରେ ପ୍ରକାଶ କରାଯାଇଛି। ହିତାଧିକାରୀଙ୍କ କହିବା ଅନୁଯାୟୀ ସରକାର ଦେଉଥିବା ୧୦୦୦ ଟଙ୍କାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏଣୁ ସମସ୍ତ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ ଭିନ୍ନକ୍ଷମ ସଂଘର ବ୍ଲକ ସଭାପତି ଧୂର୍ବ ଶିଖା ଓ ଉପସଭାପତି ଅନ୍ତ ହରିପାଲଙ୍କ ନେତୃତ୍ୱରେ ସଭ୍ୟସଭ୍ୟାମାନେ ଶୋଭାଯାତ୍ରାରେ ବାହାରି ବ୍ଲକ୍ କାର୍ଯ୍ୟଳୟରେ ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟକିରାଣୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଚଳିତ ମାସ ମଧ୍ୟରେ ସମସ୍ତଙ୍କୁ ୩୦୦୦ ଟଙ୍କା ପ୍ରଦାନ କରାନଯାଏ ତାହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି।

## ହାଇୱା ଧକ୍କାରେ ଗୋରୁ ମୃତ

ଶଗଡା,୧୧।୨(ସମିସ): କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ଥାନା ଅଧୀନ ତବଡା ଛକ ନିକଟରେ ଦ୍ରୁତଗାମୀ ହାଇୱା ଧକ୍କା ଦେବାରୁ ଏକ ଗୋରୁର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଗୋରୁ ଗୁରୁତର ହୋଇଛନ୍ତି। ଖବର ପାଇ ଚାଷୀ ଖଗେଶ୍ୱର ମହାକୁଡ଼ ଘଣ୍ଟାପଡା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ହାଇୱା ଗାଡିକୁ ଜବତ କରି ତଦନ୍ତ କରୁଛି। ଆହତ ଦୁଇ ଗୋରୁଙ୍କ ପ୍ରାଣୀ ଚିକିତ୍ସକ ଦ୍ୱାରା ଚିକିତ୍ସା କରାଯାଇଥିବା ବେଳେ ଚାଷୀ ଖଗେଶ୍ୱର କ୍ଷତି ପୁରଣ ଦାବି କରିଛନ୍ତି।

